# 'ସମ୍ବାଦ'ର ଷୋଡ଼ଶ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର (ନି.ପ୍ର)

ସମ୍ବାଦର ଷୋଡ଼ଶ ବାର୍ଷିକ ଉତ୍ସବ ବୁଧବାର ଦିନ ଏଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଶ୍ରୀ ମନୋଜ ଦାସ କହିଲେ ଯେ, ବିଗତ ଶତାବ୍ଦୀ ମଣିଷକୁ ରାଜତନ୍ତ୍ର ଓ ସମାଜବାଦ ଭିତରୁ ବାହାରି ଆସିବାର ସୁଯୋଗ ଦେଇଛି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମଣିଷର ଶ୍ରମ ଲାଘବ କରିଛି । କିନ୍ତୁ ଚଳିତ ଶତାବ୍ଦୀ ମଣିଷକୁ ଅଜ୍ଞାନତାର ପରାଧୀନତାରୁ ମୁକ୍ତ କରିବ ଓ ଚେତନର ବିକାଶ ଘଟାଇବ । ମଣିଷ ଯୁଗ ଯୁଗ ଧରି ଯେଉଁ ୫ଟି ବିଷୟର ସନ୍ଧାନ କରି ଆସିଛି, ତାହା ହେଲା ଭଗବାନ, ଜ୍ଞାନ, ସ୍ୱାଧୀନତା, ଆନନ୍ଦ ଓ ଅମରତ୍ୱ । କିନ୍ତୁ ଆନନ୍ଦର ଅନ୍ୱେଷଣରେ ମଣିଷ ଆମୋଦ ଭିତରେ ବନ୍ଦୀ ହୋଇ ଯାଇଛି । ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ ଏବଂ ଶ୍ରୀ ଗୌରହରି ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।